## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର,(ବ୍ୟୁରୋ): ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଯୋଗଦେଇ କହିଲେ, ସମାଜରେ ଅବସରପ୍ରାପ୍ତ ତଥା ବରିଷ୍ଠ ନାଗରିକଙ୍କ ଉପସ୍ଥିତି ଅପରିହାର୍ଯ୍ୟ। କିନ୍ତୁ ଆଜିର ସମାଜରେ ପୁଅମାନେ ବାପମାନଙ୍କୁ ପଚାରୁ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂଘର ଅନୁରୋଧକୁ ରକ୍ଷା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସାଢେ ତିନି ଲକ୍ଷ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମହାର୍ଘ ଭତ୍ତା ପ୍ରଦାନ କରିଥିବାରୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପିପୁଲ୍ସ କଲଚରଲ ସେଣ୍ଟର ପକ୍ଷରୁ କର୍ମଶାଳା, ପାନ୍ଥ ନିବାସ, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖଦି ଅନୁଷ୍ଠାନଙ୍କୁ ଉପକରଣ ବଣ୍ଟନ, ବୋର୍ଡ କାର୍ଯ୍ୟାଳୟ ପରିସର, ଖାରବେଳ ନଗର, ପୂର୍ବାହ୍ନ ୧୧ଟା।
- ଆକ୍ସନ ଆଡ୍ ଓ ସେଣ୍ଟର ଫର୍ ଚାଇଲ୍ଡ ଆଣ୍ଡ ଓ୍ୱିମେନ ଡେଭଲପମେଣ୍ଟ ପକ୍ଷରୁ ରାଜ୍ୟସ୍ତରୀୟ କର୍ମଶାଳା, ଚିତ୍ରକୂଟ ଆଶ୍ରମ, ୟୁନିଟ-୯, ପୂର୍ବାହ୍ନ ୧୧ଟା।
- ଏସ୍ଏସ୍ ଇପିଡି ପକ୍ଷରୁ ରାଜ୍ୟସ୍ତରୀୟ ବୈଠକ, ହୋଟେଲ ସୂର୍ଯ୍ୟାଂଶ, କଳିଙ୍ଗ ହସ୍ପିଟାଲ ନିକଟ, ଅପରାହ୍ନ ୪ଟା ୩୦।
- ସମ୍ଭାବନା ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା, ପ୍ରାଥମିକ ବିଦ୍ୟାଳୟ ପରିସର, ୟୁନିଟ-୨, ସନ୍ଧ୍ୟା ୬ଟା।

# ଭୁବନେଶ୍ୱର ସହରାଞ୍ଚଳ ଥାନାରେ ମାମଲା ବୃଦ୍ଧି

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

- ବର୍ଷକରେ ରୁଜୁ ହୋଇଛି ୮୯୬୭ ମାମଲା
- ୫୩୨ ଦୁର୍ଘଟଣା ମାମଲା, ୧୪୯ ମୃତ୍ୟୁ

ଭୁବନେଶ୍ୱରରେ ଅପରାଧ ସାଙ୍ଗକୁ ମାମଲା ସଂଖ୍ୟା ବି ବଢ଼ି ଚାଲିଛି। ଗତବର୍ଷ ସହରାଞ୍ଚଳ ଜିଲା ପୋଲିସ ପକ୍ଷରୁ ୭ ହଜାର ୬୭୪ଟି ମାମଲା ହୋଇଥିବାବେଳେ ଚଳିତ ବର୍ଷ ୨୩ ଥାନାରେ ମୋଟ ୮ ହଜାର ୯୬୭ଟି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ କ୍ୟାପିଟାଲ ଥାନାରେ ସର୍ବାଧିକ ୮୨୪ ମାମଲା ରହିଛି। ସେହିଭଳି ଖାରବେଳନଗର ଥାନାରେ ୪୦୮, ମହିଳା ଥାନା ୧୬୨, ଏୟାରପୋର୍ଟ ୩୪୪, ଶ୍ରୀଲିଙ୍ଗରାଜ ୩୩୬, ଏୟାରଫିଲ୍ଡ ୩୨୩, ଧଉଳି ୧୯୬, ଜଟଣୀ ୬୮୧, ତମାଣ୍ଡୋ ୨୬୦, ଏନର୍ଜି ୧, ଭରତପୁର ୪୩୭, ଖଣ୍ଡଗିରି ୬୪୬, ବଡ଼ଗଡ଼ରେ ୪୩୬, ଲକ୍ଷ୍ମୀସାଗରରେ ୪୦୫, ବାଲିପାଟଣା ୩୨୫, ବାଲିଅନ୍ତା ୪୨୩, ନୟାପଲ୍ଲୀ ୫୯୦, ମଞ୍ଚେଶ୍ୱର ୪୩୮, ଶହୀଦନଗର ୫୧୮, ଚନ୍ଦ୍ରଶେଖରପୁର ୪୯୬, ଇନ୍‌ଫୋସିଟି ୨୮୪, ଚନ୍ଦକା ୨୮୮ ଓ ନନ୍ଦନକାନନ ଥାନାରେ ୧୪୬ଟି ମାମଲା ହୋଇଛି। ପୂର୍ବରୁ ବିଚାରାଧୀନ ଥିବା ୧୧,୨୦୨ଟି ମାମଲାର ତଦନ୍ତ ଚଳିତ ବର୍ଷ ଶେଷ ହୋଇଛି। ତେବେ ଏଥିପାଇଁ ଡିସିପି ଅଫିସରେ ଥିବା କେସ୍ କ୍ଲୋଜର୍ ୟୁନିଟ ତଦନ୍ତକାରୀ ଅଫିସରଙ୍କୁ ସହଯୋଗ କରୁଥିବା କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ସହରାଞ୍ଚଳ ଜିଲାର ୨୨ ଥାନାରେ ୫୩୨ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ତେବେ ଦୁର୍ଘଟଣାର ଶିକାର ହୋଇଥିବା ୫୬୮ଜଣଙ୍କ ମଧ୍ୟରୁ ମଧ୍ୟରୁ ୧୪୯ ଜଣଙ୍କ ମୃତ୍ୟୁ ହୋଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କ୍ୟାପିଟାଲ ଥାନାରେ ସର୍ବାଧିକ ୬୨ ମାମଲା ରୁଜୁ ହୋଇଥିବାବେଳେ ଖାରବେଳନଗର ୨୯, ଏୟାରପୋର୍ଟ ୧୨, ଶ୍ରୀଲିଙ୍ଗରାଜ ୪, ଏୟାରଫିଲ୍ଡ ୧୫, ଧଉଳି ୨୦, ଜଟଣୀ ୪୩, ତମାଣ୍ଡୋ ୨୨, ଭରତପୁର ୨୨, ଖଣ୍ଡଗିରି ୫୩, ବଡ଼ଗଡ଼ ୮, ଲକ୍ଷ୍ମୀସାଗର ୧୧, ବାଲିପାଟଣା ୧୦, ବାଲିଅନ୍ତା ୪୪, ନୟାପଲ୍ଲୀ ୩୫, ମଞ୍ଚେଶ୍ୱର ୩୩, ଶହୀଦନଗର ୫୦, ଚନ୍ଦ୍ରଶେଖରପୁର ୨୩, ଇନ୍‌ଫୋସିଟି ୧୪, ଚନ୍ଦକା ୧୭ ଓ ନନ୍ଦନକାନନ ଥାନାରେ ୫ଟି ମାମଲା ରୁଜୁ କରାଯାଇଛି। ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଥିବା ୪୪ ଦୁର୍ଘଟଣାରେ ସର୍ବାଧିକ ୨୧ ଜଣଙ୍କ ମୃତ୍ୟୁ ହୋଇଛି।

## ଭୁବନେଶ୍ୱର ଓକିଲ ସଂଘର ସଙ୍ଗୀତ ଉତ୍ସବ, କ୍ୟାଲେଣ୍ଡର ଉନ୍ମୋଚନ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ଭୁବନେଶ୍ୱର ଓକିଲ ସଂଘର ବାର୍ଷିକ ସଙ୍ଗୀତ ଉତ୍ସବ ଗୁରୁବାର ବାର୍ ଆସୋସିଏଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ଜଜ୍ ରାମ ଶଙ୍କର ହୋତା ଓ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ତାରକା ଅସିତ ପତି ଯୋଗଦେଇଥିଲେ। ଏହି ଅବସରରେ ୭୭ରୁ ଊର୍ଦ୍ଧ୍ୱ ଆଇନଜୀବୀ ସଙ୍ଗୀତ ପରିବେଷଣ କରିଥିବାବେଳେ ଅସିତଙ୍କୁ ପତିଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଓକିଲ ସଂଘର ୨୦୨୨ ବାର୍ଷିକ କ୍ୟାଲେଣ୍ଡର ଏବଂ ପୁସ୍ତକ 'ଜଗନ୍ନାଥ ମୟ ଜଗତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠିତ ବନ୍ଧୁ ମିଳନରେ ୨ ହଜାର ଆଇନଜୀବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ନିର୍ମଳ କିଶୋର ରଥ, ଉପସଭାପତି ଦେବୀଦତ୍ତ ବାରିକ, ସମ୍ପାଦକ ରାଜ କିଶୋର ଦାସ, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ସହ ସମ୍ପାଦକ ଶିବ ନାରାୟଣ ସାହୁ, କାର୍ଯ୍ୟକାରୀ କମିଟି ସଭ୍ୟ ଅଭିଜିତ ମିଶ୍ର, ସୁରେଶ କୁମାର ଦାସ, ସବ୍ୟସାଚୀ ସୁତାର, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅମୂଲ୍ୟ ପ୍ରସାଦ ନାୟକ ଓ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା, ୩ ଗିରଫ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ): ବସ୍‌ରେ ଲୁଟ୍ ଓ ଚୋରି କରୁଥିବା ଏକ ଗ୍ୟାଙ୍ଗଙ୍କୁ ଶହୀଦନଗର ଥାନା ପୋଲିସ ଧରିବା ସହ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଏସ୍‌କେ ରାଜା(୪୮), ଏସ୍‌କେ ଇମ୍ରାନ୍(୪୮) ଓ କଟକ ଜିଲା ବାଙ୍କୀ ଥାନା ଅଞ୍ଚଳର ପ୍ରଦୀପ କୁମାର ମହାନ୍ତି(୪୮)। ତାଙ୍କଠାରୁ ୬ ହଜାର ଟଙ୍କା ଜବତ ହୋଇଛି। ଏମାନଙ୍କ ନାମରେ କମିଶନରେଟ ପୋଲିସର ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଛି। ଏହି ଗ୍ୟାଙ୍ଗରେ ୧୫ରୁ ଅଧିକ ସଦସ୍ୟ ରହିଥିବାବେଳେ ୩ରୁ ୪ ଜଣିଆ ଗ୍ରୁପ ହୋଇ ବସ୍‌ରେ କୃତ୍ରିମ ଭିଡ଼ ସୃଷ୍ଟି କରି ଯାତ୍ରୀଙ୍କଠାରୁ ଲୁଟ୍‌ପାଟ୍ ଓ ଚୋରି କରନ୍ତି। ବୁଧବାର ମଧ୍ୟାହ୍ନରେ କଟକ ଜିଲାର ନାରାୟଣ ମହରଣା ରୁପାଲି ଛକରେ ବସ୍‌ରୁ ଓହ୍ଲାଉଥିବା ବେଳେ ଅଭିଯୁକ୍ତମାନେ କୃତ୍ରିମ ଭିଡ ସୃଷ୍ଟି କରି ତାଙ୍କ ପକେଟରୁ ୩୦୦ ଟଙ୍କା ଲୁଟିନେଇ ପଳାଉଥିବାବେଳେ ଧରାପଡିଥିଲେ।

## ଘରେ ପଶି ଚୋରି

ବାରଙ୍ଗ,୨୩।୧୨(ଡି.ଏନ୍.ଏ.): ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣି ଗାଁର ଅଲେଖି ଦାସଙ୍କ ଘରୁ ଚୋରି ହୋଇଛି। ବୁଧବାର ରାତିରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଛାତଉପର ଦେଇ ପଶି ଘରେ ପଶି ଆଲମିରାକୁ ଭାଙ୍ଗି ୮ଟା ସୁନା ମୁଦି, ସୁନା କାନର, ସୁନାହାର ସହ ନଗଦ ୪୦ହଜାର ଟଙ୍କା ନେଇଯାଇଛନ୍ତି। ଘରଠାରୁ କିଛି ଦୂରକୁ ଯାଇ ବାକ୍ସଗୁଡ଼ିକୁ ପକାଇ ଦେଇଛନ୍ତି। ସେହିଭଳି ଗଗନ ଦାସଙ୍କ ଘର ବାହାରେ ଥିବା ଏକ ସାଇକେଲକୁ ଚୋରମାନେ ନେଇଯାଇଛନ୍ତି।



ପୁରୀ ବ୍ଲୁଫ୍ଲାଗ୍ ବିଚ୍‌ସ୍ଥିତ ପାନ୍ଥ ନିବାସ ନିକଟରେ ଗୁରୁବାର ଓଟିଡିସି ପକ୍ଷରୁ ଖୋଲାଯାଇଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଲୋକାର୍ପଣ ଉତ୍ସବରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍.ଯାଦବ ଏବଂ ଅନ୍ୟମାନେ।

# ପୁରୀରେ ଖୋଲିଲା 'ନିମନ୍ତ୍ରଣ'

ପୁରୀ ଅଫିସ,୨୩।୧୨

ଓଡ଼ିଆ ପାରମ୍ପରିକ ଖାଦ୍ୟର ପ୍ରଚାର ଓ ପ୍ରସାର ପାଇଁ ପୁରୀରେ ଖୋଲିଛି 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ। ସ୍ୱାସ୍ଥ୍ୟ ଅନୁକୂଳ ପରିବେଶରେ ପରିବାର ଓ ଯୁବବର୍ଗଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ସହ ଚାଇନିଜ ଖାଦ୍ୟ ଉପଲବ୍ଧ ହେବ। ସ୍ୱତନ୍ତ୍ର ଆଧୁନିକ ଝଲକରେ ନିର୍ମିତ ନିମନ୍ତ୍ରଣର ଖାଇବା କୋଠରୀରେ ପର୍ଯ୍ୟଟକମାନେ ସମୁଦ୍ରକୂଳିଆ ପବନ ସହ ଉପର ମହଲାରେ ସମୁଦ୍ରକୁ ଦେଖିବାର ମଜା ନେଇପାରିବେ। ଆଗନ୍ତୁକଙ୍କୁ ଆତିଥ୍ୟ ପ୍ରଦାନ ନିମନ୍ତେ ୩୨ଜଣ ପ୍ରଶିକ୍ଷିତ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ବ୍ଲୁଫ୍ଲାଗ୍ ବିଚ୍ ସନ୍ନିକଟ ଏହି ରେଷ୍ଟୁରାଣ୍ଟକୁ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଗୁରୁବାର ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଓଡ଼ିଆ ରୁଚିପୂର୍ଣ୍ଣ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ଟୁରିଜମ୍ ଏବଂ ଓଟିଡିସିର ଏକ ମିଳିତ ପଦକ୍ଷେପ ହେଉଛି ନିମନ୍ତ୍ରଣ। ଏହା ପୁରୀ ବେଳାଭୂମିରେ ଏବେ ଲୋକାର୍ପିତ ହୋଇଛି। ଭୁବନେଶ୍ୱରରେ ଏହା ପ୍ରଥମେ ଲୋକାର୍ପିତ ହୋଇଥିବାବେଳେ ଉଭୟ ଗ୍ରାହକ ଓ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାରେ ସଫଳ ହୋଇପାରିଛି। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରଶିକ୍ଷିତ କର୍ମଚାରୀଙ୍କୁ ନେଇ ଓଡ଼ିଆ ଖାଦ୍ୟ ପରଷିବା ପାଇଁ ନିମନ୍ତ୍ରଣକୁ କାର୍ଯ୍ୟକ୍ଷମ କରାଯାଉଛି। ବେଳାଭୂମି ନିକଟରେ ହୋଇଥିବାରୁ ଏହା ଲୋକଙ୍କୁ ଆକର୍ଷଣ କରିବାରେ ସହାୟକ ହେବା ସହ ଆଦୃତ ହୋଇପାରିବ ବୋଲି ଆଶା ରହିଛି। ବାତ୍ୟା ସମୟରେ ଏହି ରେସ୍ତୋରାକୁ ରକ୍ଷା କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ଲୋକାର୍ପଣ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ପାନ୍ଥନିବାସ ପରିଚାଳକ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଦାଶ ବେନହୁର, ହୃଷୀକେଶ ମଲ୍ଲିକ ପାଇବେ 'କୋରାପୁଟ ସାହିତ୍ୟ ସମ୍ମାନ'

ଭୁବନେଶ୍ୱର, ୨୩।୧୨ (ବ୍ୟୁରୋ)

ଓଡ଼ିଆ ମିଡିଆ ଆୟୋଜିତ ୪ର୍ଥ କୋରାପୁଟ ସାହିତ୍ୟ ଉତ୍ସବ ଆସନ୍ତା ୨୬ ଓ ୨୭ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏହି ଅବସରରେ ଚଳିତ ବର୍ଷ ଗଳ୍ପ ପାଇଁ କଥାକାର ଦାଶ ବେନହୁର ଓ କବିତା ପାଇଁ କବି ତଥା ଓଡ଼ିଶା ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କୁ 'କୋରାପୁଟ ସାହିତ୍ୟ ସମ୍ମାନ' ପ୍ରଦାନ କରାଯିବ। ଏ ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ମିଡିଆର ନିର୍ଦ୍ଦେଶକ ତଥା କଥାକାର ଶୁଭ୍ରାଂଶୁ ପଣ୍ଡା କହିଛନ୍ତି,ଉତ୍ସବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ବରିଷ୍ଠ କବି ଓ ଚିନ୍ତକ ହରପ୍ରସାଦ ଦାସ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହିବେ। ସେହିପରି ସମ୍ମାନ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଅତିଥି ଭାବେ ବରିଷ୍ଠ ଲେଖକ ଓ ପ୍ରଶାସକ ଆର୍ ବାଲକ୍ରିଷ୍ଣନ୍, ଲେଖିକା ପଦ୍ମଶ୍ରୀ ଡ. ପ୍ରତିଭା ରାୟ, ତେଲୁଗୁ କବି ନିଖିଳେଶ୍ୱର, ଟିମ୍ ଆଡମାର୍କ ନିର୍ଦ୍ଦେଶକ ନିଶିକାନ୍ତ ମିଶ୍ର ପ୍ରମୁଖ ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି।

## ତାଳଗୁଡ଼ ଭବନ ଉଦ୍‌ଘାଟିତ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନକୁ ଗୁରୁବାର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଏହି ଭବନ ତାଳଗୁଡ଼ ସମବାୟ ସଂଘ ସମେତ ଅନ୍ୟ ସମବାୟ ସମିତିଗୁଡ଼ିକ ନିମନ୍ତେ ଆୟ ବୃଦ୍ଧିର ଏକ ମାଧ୍ୟମ ହୋଇପାରିବ। ଏଥିସହ ଏହା ଗ୍ରାମୀଣ ଅର୍ଥନୀତି ବିକାଶରେ ସହାୟକ ହେବ। ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ତାଳଗୁଡ଼ ସମବାୟ ସମିତି ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକ ସଂପୂର୍ଣ୍ଣ ଭାବେ ଅର୍ଗାନିକ୍ ହେବା ଯୋଗୁ ଏହାର ସ୍ୱତନ୍ତ୍ର ଆଦର ରହିଛି। ପ୍ରତି ଜିଲାରେ ସଂଘ ପକ୍ଷରୁ ସମିତି ସଂଖ୍ୟା ବୃଦ୍ଧି କରିବା ଆବଶ୍ୟକ। ତାଳଗୁଡ଼ ସଂଘକୁ ମହୁ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, କୁଟୀର ଶିଳ୍ପ ପ୍ରଭୃତିରେ ସାମିଲ କରିବାକୁ ହେବ ବୋଲି ସେ କହିଥିଲେ। ଏଥିସହ ଏହି କାର୍ଯ୍ୟାଳୟର ପରିଚାଳନା ନିମନ୍ତେ ଅନ୍ୟୁନ ୫୦ହଜାର ଟଙ୍କାର ଅନୁଦାନ ରାଶି ପ୍ରଦାନ କରିବାକୁ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସମବାୟ ସମିତିର ସଦସ୍ୟମାନେ ଯୋଗଦେଇଥିଲେ।

# ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

**ଓଲିଉଡ୍ ନାଇଟ୍ ଓ୍ୱେଲକମ୍ ଉତ୍କର୍ଷ ଆୱାର୍ଡ**
- ଶ୍ରେଷ୍ଠ ନିର୍ଦ୍ଦେଶକ ଅଶୋକ ପତି
- ଶ୍ରେଷ୍ଠ ଅଭିନେତା ସ୍ୱରାଜ ବାରିକ, ଶ୍ରେଷ୍ଠ ଅଭିନେତ୍ରୀ ଏଲିନା ସାମନ୍ତରାୟ

ଏସ୍ ଏମ୍ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଉତ୍କଳମଣ୍ଡପରେ ଗୁରୁବାର ଓଲିଉଡ୍ ନାଇଟ୍ ଓ୍ୱେଲକମ୍ ଉତ୍କର୍ଷ ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଳା କ୍ଷେତ୍ରରେ ଉତ୍ସର୍ଗୀକୃତ ଅବଦାନ ପାଇଁ ବରିଷ୍ଠ କଳାକାର ପ୍ରଦ୍ୟୁମ୍ନ ଲେଙ୍କାଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସେହିପରି 'ମିଷ୍ଟର ମଜନୁ' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ଅଶୋକ ପତି, 'ତୁ ମୋ ଲଭ୍‌ଷ୍ଟୋରି'ରେ ଶ୍ରେଷ୍ଠ ଅଭିନେତା ଭାବେ ସ୍ୱରାଜ ବାରିକ, 'ମାଲ୍ ମହୁ ଜୀବନ ମାଟି' ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଏଲିନା ସାମନ୍ତରାୟ, ବେଷ୍ଟ ଆକ୍ଟ୍ରେସ ଫିମେଲ(କ୍ରିଟିକସ୍)ରେ ଭୂମିକା ଦାଶ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରେମ୍ ଆନନ୍ଦ, ଶ୍ରେଷ୍ଠ କଣ୍ଠଶିଳ୍ପୀ (ମେଲ୍) ସ୍ୱୟମ ପାଢୀ, ଶ୍ରେଷ୍ଠ କଣ୍ଠଶିଳ୍ପୀ (ଫିମେଲ୍) ଦୀପ୍ତିରେଖା ପାଢୀ, ବେଷ୍ଟ ଲିରିସିଷ୍ଟ ବସନ୍ତ ରାଜସାମଲ୍, ବେଷ୍ଟ ସିନେମାଟୋଗ୍ରାଫି ରବୀନ୍ଦ୍ର ବେହେରା, ବେଷ୍ଟ ରାଇଟର୍ ଦେବିଦ ମହାନ୍ତି, ବେଷ୍ଟ ଏଡିଟର ରାଜେଶ ଦାସ୍, ବେଷ୍ଟ ଆଣ୍ଟିଗୋନିଷ୍ଟ ମେଲ୍ ସମରେଶ ରାଉତରାୟ, ବେଷ୍ଟ ଆଣ୍ଟିଗୋନିଷ୍ଟ ଫିମେଲ ଈଶାନୀ ସେନଗୁପ୍ତା, ବେଷ୍ଟ କୋରିଓଗ୍ରାଫର ଗିରୀଶ ମହାନ୍ତି, ବେଷ୍ଟ କଷ୍ଟ୍ୟୁମ୍ ଡିଜାଇନର ମହେନ୍ଦ୍ର ବରାଳ (ଲିଟୁ) ଏବଂ ଶ୍ରେଷ୍ଠ ସିନେମା ଭାବେ 'ଚକ୍ରବ୍ୟୁହ' ସମ୍ମାନିତ କରାଯାଇଥିଲା। ସେହିପରି ପ୍ରଥମକରି ମ୍ୟୁଜିକ୍ ଭିଡିଓ ଆଲବମକୁ ଏଥିରେ ସାମିଲ କରାଯାଇ ଆଲବମ୍ କ୍ଷେତ୍ରରେ ବହୁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଯୋଜକ ଶୁଭମ୍ ମହାନ୍ତିଙ୍କ ପୌରହିତ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଓଡିଶା ହାଉସିଂ କର୍ପୋରେଶନର ଚେୟାରମ୍ୟାନ ପ୍ରିୟଦର୍ଶୀ ମିଶ୍ର, ଆକାଶ ଇନଷ୍ଟିଚ୍ୟୁଟ୍ ରିଜିଓନାଲ୍ ଡାଇରେକ୍ଟର ଅଜୟ ବାହାଦୁର ସିଂହ ଓ ଗୁପ୍ତା ପାୱାରର ମହେନ୍ଦ୍ର ଗୁପ୍ତା, ସିନେ କଳାକାର ଶ୍ରୀତମ ଦାଶ ପ୍ରମୁଖ ଯୋଗଦେଇଥିଲେ। ଗ୍ଲାମର୍ ସେଭେଣ୍ଟି ସେଭେନ୍‌ର ନିର୍ଦ୍ଦେଶକ ସଞ୍ଜୟ ମହାକୁଡ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ହିତେଶ ନାୟକ ଧନ୍ୟବାଦ ଦେଇଥିଲେ। ଅଭିନେତା ପୁପିନ୍ଦର ଓ ନାୟିକା ପିଙ୍କି ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଶୁତୋଷ



@ ଲିଟନ୍



@ ଶୁଭେନ୍ଦୁ



@ ବନ୍ଦନା



@ ଜ୍ୟୋତିଷ୍ମାନ



@ ରାକେଶ

## ବିଷ୍ଣୁପଦ ସେଠୀଙ୍କୁ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍ଏସ୍), ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍(ଆଇପିଇ) ଏବଂ ଓଡ଼ିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନ୍‌ସିଲ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ରାଜ୍ୟ ନିରାପତ୍ତା ସମ୍ମେଳନ-୨୦୨୧ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଅଧ୍ୟକ୍ଷ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ଚଳିତ ବର୍ଷର ସମ୍ମାନଜନକ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ ଦିଆଯାଇଛି। ସର୍ବୋତ୍ତମ ଉଦ୍ୟୋଗ ପରିଚାଳନା-ପିଏସ୍‌ୟୁ ବର୍ଗରେ ସେଠୀଙ୍କୁ ଏହି ସମ୍ମାନ ମିଳିଛି। ଓଏଚ୍‌ପିସିକୁ ରାଜ୍ୟର ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗରେ ପରିଣତ କରିବାରେ ସେଠୀଙ୍କ ଅବଦାନ ଅତୁଳନୀୟ ବୋଲି ପୁରସ୍କାର ପ୍ରଦାନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଅଧ୍ୟକ୍ଷ ସେଠୀଙ୍କ ତରଫରୁ ସଂସ୍ଥାର ନିର୍ଦ୍ଦେଶକ(ମାନବ ସମ୍ବଳ) ପ୍ରବୋଧ କୁମାର ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ପ୍ରବୋଧ ମହାନ୍ତିଙ୍କୁ ମଧ୍ୟ ସର୍ବୋତ୍ତମ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର-୨୦୨୧ ଦିଆଯାଇଛି।




ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଆଦି କେତେକ ଦାବି ନେଇ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




୩ ଦଫା ଦାବିରେ ଓଡ଼ିଶା ୧୦୪ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।



ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନକୁ ଗୁରୁବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଆନ୍ତଃବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

ପୁରୀ ଅଫିସ: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଗୁରୁବାର ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ହରିହର ହୋତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଏନ୍.ଆର୍.ଏସ୍. ତାତାଚାର୍ଯ୍ୟ ସଭାପତିତ୍ୱ କରିଥିବାବେଳେ କୁଳସଚିବ ଧରଣୀଧର ରଣା ଏବଂ ଡ. ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗଦେଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ବିଶ୍ୱବିଦ୍ୟାଳୟର ବିତ୍ତାଧିକାରୀ ଶ୍ୟାମ ହେମ୍ବ୍ରମ କ୍ରୀଡ଼ା ପ୍ରାଙ୍ଗଣରେ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଫେସର ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଧନ୍ୟବାଦ ଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୧୨।୨୦୨୧

| | |
|---|---|
| ୪,୩୪,୩୨୩ ଟଙ୍କା | |
| ସୁନା | ୧.୩୨୦ ଗ୍ରାମ |
| ରୁପା | ୩୫.୨୫୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ

- ଆମ୍ ଆଦମି ପାର୍ଟିର ପ୍ରତିବାଦ, କାଠ ପୋଲ, ସକାଳ ୯ଟା ୩୦।
- ଓଡିଶା ସାମ୍ବାଦିକ ସଂଘ ମାଗଣା ଅଟୋ ସେବା କାର୍ଯ୍ୟକ୍ରମ, ଶ୍ରୀଗୁଣ୍ଡିଚା ମନ୍ଦିର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନ ପୁରୀ ଜିଲା କମିଟି ପ୍ରଥମ ବାର୍ଷିକ ସମ୍ମିଳନୀ, ଆଖଣ୍ଡଳମଣୀ ମନ୍ଦିର, ପୂର୍ବାହ୍ନ ୧୦ଟା ୩୦।
- ସ୍ମୃତି କଲଚରାଲ ଆସୋସିଏଶନ ମାୟାପୁରୀ -୨୦୨୧, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୧ଟା।
- ବିଜେଡି ପୁରୀ ନିର୍ବାଚନ ମଣ୍ଡଳୀର ବନ୍ଧୁମିଳନ, ନିୟୁ ସବୁଜ ମଣ୍ଡପ, ଏସ୍‌ଏସ୍‌ସି କଲେଜ ନିକଟ, ମଧ୍ୟାହ୍ନ ୧୨ଟା ୩୦।

## ସଂକ୍ଷେପରେ

### ଖବରଦାତଙ୍କୁ ଆକ୍ରମଣ, ଜଣେ ଗିରଫ

ବଲଙ୍ଗା/ପିପିଲି,୨୩।୧୨ (ଡି.ଏନ୍.ଏ./ସ୍ୱ.ପ୍ର.)- ବଲଙ୍ଗା ଥାନା ଅଧୀନ ବିରାଟ ସାହି ଛକ ନିକଟରେ ଗୁରୁବାର ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ସୁରେଶ ବିଶ୍ୱାଳ। ଏ ନେଇ ପୋଲିସ ଏକ ମାମଲା (ନଂ.୨୩୫/୨୧) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟ ୩ ଅଭିଯୁକ୍ତ ଫେରାର ଅଛନ୍ତି।

### ଠାକୁରଙ୍କ ସୁନା ଆଖି ଡାଡ଼ିନେଲେ

ସାକ୍ଷୀଗୋପାଳ,୨୩।୧୨(ଡି.ଏନ୍.ଏ.)- ସତ୍ୟବାଦୀ ଥାନା ଆଲିଶ ପଞ୍ଚାୟତରେ ଅବସ୍ଥିତ ମହାବୀର ମନ୍ଦିରରେ ବୁଧବାର ରାତିରେ ଦୁର୍ବୃତ୍ତମାନେ ମହାବୀରଙ୍କ ଆଖିରେ ଲାଗିଥିବା ସୁନାର ଆଖି ଡାଡ଼ି ନେଇଛନ୍ତି। ଠାକୁରଙ୍କର ୫ କେଜି ଓଜନର ରୁପା କିରୀଟ, ଗଦା, କଙ୍କଣ ଲୁଟି ନେଇଥିବା ବେଳେ ହୁଣ୍ଡି ଭାଙ୍ଗି ୩ ଲକ୍ଷରୁ ଅଧିକ ଦାନ ଅର୍ଥରାଶି ନେଇଯାଇଛନ୍ତି।

### ଚିଠିର ନକଲ ଦେଲା ଶ୍ରୀମନ୍ଦିର ପ୍ରଶାସନ

**ଧରିତ୍ରୀ ପ୍ରଭାବ**

ପୁରୀ ଅଫିସ,୨୩।୧୨: ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ଜାଣିଶୁଣି ଏକ ଚିଠିକୁ ଚାପି ରଖିଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଚିଠି ନମ୍ବର ୫୯୫/ସି ସୂଚନା ଅଧିକାରୀ ଆଇନ ବଳରେ ମଗାଯାଇଥିଲେ ମଧ୍ୟ ଚିଠିର ନକଲ ମିଳି ନ ଥିଲା। ଚିଠି ନ ଥିବା କହି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଅଧିକାର କର୍ମୀଙ୍କୁ ସମ୍ପୃକ୍ତ ଚିଠି ଦେବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଜଣାଇଥିଲା। ଶ୍ରୀମନ୍ଦିର ପ୍ରଶାସନକୁ ତତ୍କାଳୀନ ଜିଲାପାଳ ଚାବି ମିଳୁ ନ ଥିବା ଦର୍ଶାଇ ଲେଖିଥିବା ଚିଠି ଶ୍ରୀମନ୍ଦିର ପ୍ରଶାସନ ପାଖରେ କାହିଁକି ନାହିଁ ବୋଲି ପ୍ରଶ୍ନ ଉଠିବା ପରେ ଧରିତ୍ରୀରେ ଏନେଇ ଖବର ପ୍ରକାଶିତ ହୋଇଥିଲା। ଗୁରୁବାର ଫାଷ୍ଟ ଅପିଲର ଶୁଣାଣିରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳଙ୍କୁ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା ସମ୍ପୃକ୍ତ ଚିଠି ପ୍ରଦାନ କରିଛନ୍ତି।

# ତେଜିଲା ବ୍ଲୁ ଫ୍ଲାଗ୍ ବିଚ୍ ବିରୋଧୀ ଆନ୍ଦୋଳନ

**ପୁରୀ ଅଫିସ,୨୩।୧୨:**

ପୁରୀ ଚକ୍ରତୀର୍ଥରୋଡ୍ ବେଳାଭୂମିରେ ପ୍ରସ୍ତାବିତ ନୂତନ ବ୍ଲୁ ଫ୍ଲାଗ୍ ବିଚ୍‌କୁ ଜୋରଦାର ବିରୋଧ କରାଯାଇଛି। ପୁରୀ ବେଳାଭୂମି ବ୍ୟବସାୟୀ ସଂଘ ଓ ବେଳାଭୂମି ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଛି। ଦିଗ୍‌ବାରେଣୀ ଛକଠାରୁ କଚେରିକୁ ସଂଯୋଗ କରୁଥିବା ରାସ୍ତାକୁ କ୍ଷୁଦ୍ର ଓ ଉଠାବ୍ୟବସାୟୀମାନେ ଅବରୋଧ କରିଥିବାରୁ ଯାତାୟାତ ବ୍ୟାହତ ହୋଇଛି। ବ୍ଲୁଫ୍ଲାଗ ବିଚ୍ କାର୍ଯ୍ୟ ବନ୍ଦ ଏବଂ ଏହି ପ୍ରସ୍ତାବ ରଦ୍ଦ କରାଯିବା ଲାଗି ସଂଘ ପକ୍ଷରୁ ଦାବି ହୋଇଛି। ଏନେଇ ଗତ ୧୭ ତାରିଖଠାରୁ ଅହୋରାତ୍ର ଗଣଧାରଣା ଚାଲିଥିବାବେଳେ ବ୍ଲୁ ଫ୍ଲାଗ୍ ବିଚ୍ ପାଇଁ ବାଲି ଖୋଳାଯାଇଥିବା ସ୍ଥାନରେ ଆନ୍ଦୋଳନକାରୀମାନେ ମେଶିନ୍ ରୋକି ଧାରଣା ଦେଇଥିଲେ। ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ବିଚ୍ ହେଲେ ବେଳାଭୂମିରେ ବାରମଜା, ମାଳି ଓ ଶଙ୍ଖ ବିକୁଥିବା, ମାଲିସ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବେଳାଭୂମି ସୁରକ୍ଷା ସମିତି ଓ ବ୍ୟବସାୟୀ ସଂଘ ପକ୍ଷରୁ ଧାରଣା।

### ରାସ୍ତାରୋକୋ ସହ ଅହୋରାତ୍ର ଧାରଣା

ଭଳି ସେବା ଦେଉଥିବା ଲୋକେ ଜୀବିକା ହରାଇବେ । ତେଣୁ ବ୍ଲୁଫ୍ଲାଗ୍ ପ୍ରସ୍ତାବକୁ ପ୍ରତ୍ୟାହାର କରାଯାଉ ବୋଲି ବେଳାଭୂମି ସୁରକ୍ଷା ସମିତିର ସଭାପତି ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି । ପ୍ରଥମ ବ୍ଲୁଫ୍ଲାଗ୍ ବିଚ୍ ପାଇଁ ଅନେକ ଉଠାଦୋକାନୀ ବିସ୍ଥାପିତ ହୋଇଥିଲେ। ସଂପୃକ୍ତ ବିସ୍ଥାପିତଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନାହିଁ ବୋଲି ସେ କହିଛନ୍ତି । ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି ।



ପୁରୀ ବ୍ଲୁଫ୍ଲାଗ୍ ବିଚ୍‌ସ୍ଥିତ ପାନ୍ଥ ନିବାସ ନିକଟରେ ଗୁରୁବାର ଓଟିଡିସି ପକ୍ଷରୁ ଖୋଲାଯାଇଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଲୋକାର୍ପଣ ଉତ୍ସବରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍.ଯାଦବ ଏବଂ ଅନ୍ୟମାନେ।

# ପୁରୀରେ ଖୋଲିଲା 'ନିମନ୍ତ୍ରଣ'

**ପୁରୀ ଅଫିସ,୨୩।୧୨**

ଓଡ଼ିଆ ପାରମ୍ପରିକ ଖାଦ୍ୟର ପ୍ରଚାର ଓ ପ୍ରସାର ପାଇଁ ପୁରୀରେ ଖୋଲିଛି 'ନିମନ୍ତ୍ରଣ' ରେସ୍ତୋରାଁ। ସୁସ୍ୱାଦୁ, ସ୍ୱାସ୍ଥ୍ୟ ଅନୁକୂଳ ପରିବେଶରେ ଓଡ଼ିଆ ଖାଦ୍ୟ ସହ ଚାଇନିଜ ଖାଦ୍ୟ ମଧ୍ୟ ମେନ୍ୟୁରେ ସ୍ଥାନ ପାଇବ ବୋଲି ସୂଚନା ମିଳିଛି। ପରିବାର ଓ ଯୁବବର୍ଗଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କ ସହ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ ହେବ। ସ୍ୱତନ୍ତ୍ର ଆଧୁନିକ ଝଲକରେ ନିର୍ମିତ ନିମନ୍ତ୍ରଣର ଖାଇବା କୋଠରୀରେ ପର୍ଯ୍ୟଟକମାନେ ସମୁଦ୍ରକୂଳିଆ ପବନ ସହ ଉପର ମହଲାରେ ସମୁଦ୍ରକୁ ଦେଖିବାର ମଜା ନେଇପାରିବେ। ଆଗନ୍ତୁକମାନଙ୍କୁ ଆତିଥ୍ୟ ପ୍ରଦାନ ନିମନ୍ତେ ୩୨ଜଣ ପେଶାଦାରଙ୍କୁ ନିଯୁକ୍ତ କରାଯାଇଛି। ବ୍ଲୁଫ୍ଲାଗ୍ ବିଚ୍ ସନ୍ନିକଟ ଏହି ରେସ୍ତୋରାଁ ବ୍ଲୁଫ୍ଲାଗ୍ ବୁଲି ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ମଧ୍ୟ ଉପଲବ୍ଧ ହେବ। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ସେ କହିଛନ୍ତି, ଓଡ଼ିଆ ରୁଚିପୂର୍ଣ୍ଣ ଖାଦ୍ୟର ପ୍ରଚାର ପ୍ରସାର ନିମନ୍ତେ ଓଡ଼ିଶା ଟୁରିଜମ୍ ଏବଂ ଓଟିଡିସିର ଏକ ମିଳିତ ପଦକ୍ଷେପ ହେଉଛି ନିମନ୍ତ୍ରଣ। ଏହା ପୁରୀ ବେଳାଭୂମିରେ ଏବେ ଲୋକାର୍ପିତ ହୋଇଛି। ଭୁବନେଶ୍ୱରରେ ଏହା ପ୍ରଥମେ ଲୋକାର୍ପିତ ହୋଇଥିବାବେଳେ ଉଭୟ ଗ୍ରାହକ ଓ ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାରେ ସଫଳ ହୋଇପାରିଛି। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପେଶାଦାର କର୍ମଚାରୀଙ୍କୁ ନେଇ ଓଡ଼ିଆ ଖାଦ୍ୟ ପରଷିବା ପାଇଁ ନିମନ୍ତ୍ରଣକୁ କାର୍ଯ୍ୟକ୍ଷମ କରାଯାଉଛି। ବେଳାଭୂମି ନିକଟରେ ହୋଇଥିବାରୁ ଏହା ଲୋକଙ୍କୁ ଆକର୍ଷଣ କରିବାରେ ସହାୟକ ହେବା ସହ ଆଦୃତ ହୋଇପାରିବ ବୋଲି ଆଶା ରହିଛି। ବାତ୍ୟା ସମୟରେ ଏହି ରେସ୍ତୋରାକୁ ରକ୍ଷା କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ଲୋକାର୍ପଣ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍. ଯାଦବ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ପାନ୍ଥନିବାସ ପରିଚାଳକ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ପୁରୀ ସହରବାସୀ ନିମନ୍ତ୍ରଣକୁ ନେଇ ଉତ୍ସାହିତ ଅଛନ୍ତି। ସିଦ୍ଧାର୍ଥ କୁମାର ଜେନା କହିଛନ୍ତି, ଭୁବନେଶ୍ୱରରେ ନିମନ୍ତ୍ରଣରେ ଥରେ ଖାଇଛି। ଖାଦ୍ୟରମାନ ଭଲ ଥିଲା। ପୁରୀରେ ମଧ୍ୟ ସେହି ମାନର ଖାଦ୍ୟ ମିଳିବା ଆବଶ୍ୟକ।

# ଓଡ଼ିଆ ସ୍ଥପତିଙ୍କୁ ଅଣଦେଖା ଅଭିଯୋଗ

**ପୁରୀ ଅଫିସ, ୨୩।୧୨:**

**ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ**

ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପୂର୍ବରୁ ବିବାଦ ଦେଖାଦେଇଛି। ଏହି ପ୍ରକଳ୍ପ କାର୍ଯ୍ୟରେ ରାଜ୍ୟର ଅଭିଜ୍ଞ ଓ ଦକ୍ଷତାସମ୍ପନ୍ନ ସ୍ଥପତିମାନଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ବିଶିଷ୍ଟ ସ୍ଥପତି ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏବଂ ପଦ୍ମଶ୍ରୀ ପ୍ରଭାକର ମହାରଣା ଗୁରୁବାର ଗଣମାଧ୍ୟମ ଆଗରେ ଏଭଳି ଅଭିଯୋଗ ଆଣି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୁଦର୍ଶନ କହିଛନ୍ତି, ଐତିହ୍ୟ କରିଡର ନିର୍ମାଣ ପାଇଁ ରାଜ୍ୟ ସରକାର ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକ୍‌ଶନ୍ କର୍ପୋରେଶନ (ଓବିସିସି)କୁ ଦାୟିତ୍ୱ ଦେଲେ। ଏହାପରେ ଓବିସିସି ରାଜ୍ୟର ପ୍ରତିଷ୍ଠିତ ସ୍ଥପତିମାନଙ୍କୁ ଡାକି ଆଲୋଚନା କରିଥିଲା। କିନ୍ତୁ ପରେ ପ୍ରକଳ୍ପ କାର୍ଯ୍ୟ ସାରିବା ପାଇଁ ଟାଟା କମ୍ପାନୀ ସହ ଚୁକ୍ତି ସ୍ୱାକ୍ଷରିତ ହେଲା। ଟାଟା କମ୍ପାନୀ ମଧ୍ୟ ପ୍ରତିଷ୍ଠିତ ସ୍ଥପତିଙ୍କ ସହ ଆଲୋଚନା କଲା। ଏପରି କି ସ୍ଥପତିମାନେ ପ୍ରେଜେଣ୍ଟେଶନ୍ ଦେଇଥିଲେ। ଏହାସତ୍ତ୍ୱେ ପ୍ରତିଷ୍ଠିତ ସ୍ଥପତିମାନଙ୍କୁ ପ୍ରକଳ୍ପ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ସେହିପରି ପ୍ରଭାକର କହିଛନ୍ତି, ଐତିହ୍ୟ କାର୍ଯ୍ୟରେ ଶିଳ୍ପୀମାନଙ୍କ କାମକୁ ପ୍ରାଥମିକତା ଦିଆଯାଏ, ଅର୍ଥକୁ ନୁହେଁ। ସ୍ୱଳ୍ପ ଅର୍ଥରେ ନିର୍ମାଣ ପାଇଁ ପ୍ରୟାସ ହେଲେ ନିମ୍ନମାନର କାମ ହେବ। ଓଡ଼ିଶା ଶିଳ୍ପୀ ମହାସଂଘ ସଭାପତି ଉଦୟ ମହାନ୍ତି କହିଛନ୍ତି, ଏନେଇ ରାଜ୍ୟ ସରକାର ପୁନଃ ବିଚାର କରନ୍ତୁ। ଓବିସିସିର ନିର୍ବାହୀ ଯନ୍ତ୍ରୀ ପ୍ରଭାତ ପାଣିଗ୍ରାହୀ କହିଛନ୍ତି, ଉକ୍ତ ପ୍ରକଳ୍ପ କାର୍ଯ୍ୟ ଲାଗି ରାଜ୍ୟର ପ୍ରତିଷ୍ଠିତ ଓ ଦକ୍ଷ ସ୍ଥପତିମାନଙ୍କର ତାଲିକା ପ୍ରସ୍ତୁତ କରାଯାଇଛି। ଓବିସିସିଠାରୁ ସ୍ୱୀକୃତି ନେଇ ଟାଟା ପ୍ରୋଜେକ୍ଟ ସମ୍ପୃକ୍ତ ସ୍ଥପତିମାନଙ୍କୁ କାମ ଦେବ।

### ବାଇକ୍ ଦୁର୍ଘଟଣା, ୨ ବନ୍ଧୁଙ୍କ ମୃତ୍ୟୁ

**ଜଗନ୍ନାଥଙ୍କ ଦର୍ଶନ କରି ଫେରୁଥିଲେ**

**ଗୋପ/ କୋଣାର୍କ,୨୩।୧୨(ଡି.ଏନ୍.ଏ.)**

କୋଣାର୍କ-କାକଟପୁର ରାସ୍ତାର ବଢେଇଛକ ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇ ୨ସାଙ୍ଗଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ କାକଟପୁର ଥାନା ଅସୁରଖଳାର ବଳରାମ ଖଟୋଇ ଓ ଝାରସୁଗୁଡ଼ା ବେଲପାହାଡ଼ ଗୁମାଡେରା ଗ୍ରାମର ଦିବ୍ୟରଞ୍ଜନ ପଟ୍ଟନାୟକ। ଏହି ୨ ସାଙ୍ଗ ସକାଳୁ ବାଇକ୍ ଲାଇସେନ୍ସ ଲାଗି ବାଇକ୍‌ରେ ପୁରୀ ଯାଇଥିଲେ। ଲାଇସେନ୍ସ ମିଳିବା ବିଳମ୍ବ ହେବାରେ ସେମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ସାରି ଅସୁରଖଳାକୁ ଫେରୁଥିଲେ। ମାତ୍ର ବଢ଼େଇଛକ ନିକଟରେ ବାଇକ୍‌ର ଭାରସାମ୍ୟ ହରାଇ ଦିବ୍ୟରଞ୍ଜନ ଏକ ସିମେଣ୍ଟ ପିଣ୍ଡିରେ ପିଟି ହୋଇ ୨ଜଣଙ୍କ ପଡ଼ିଯାଇଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୨ ଜଣଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଡାକ୍ତର ମୃତ ଘୋଷଣା କରିଥିଲେ। କୋଣାର୍କ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ ଜାଣିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

### କରୋନା ଟିକା ନେବା ପରେ ମୃତ୍ୟୁ ଅଭିଯୋଗ

**ଗୋପ,୨୩।୧୨(ଡି.ଏନ୍.ଏ.)**

ଗୋପ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି କରୋନା ଟିକା ନେବା ପରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଘଟଣାକୁ ନେଇ ପୋଲିସ ମାମଲା (ନଂ.୨୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଡଭାର ଗ୍ରାମର ଅନିଲ କୁମାର ଭୋଇ (୫୧)। ଅନିଲ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଗଣଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ପରିବାର ସଦସ୍ୟଙ୍କୁ ୨୦ ହଜାର ଟଙ୍କାର ସହାୟତା ରାଶି ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଗୋପ ବ୍ଲକ ଅଧୀନ ଡଭାର ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ କରୋନା ଟିକା ଦିଆଯାଉଥିଲା। ଏହାଶୁଣି ଅନିଲ ଓ ତାଙ୍କ ସ୍ତ୍ରୀ ଇନ୍ଦୁମଣିଙ୍କ ସହ ୨ ଝିଅ ଯାଇ ଦ୍ୱିତୀୟ ଡୋଜ ଟିକା ନେଇଥିଲେ। ଘରେ ପହଞ୍ଚିବା ପରେ ହଠାତ୍ ଅନିଲଙ୍କ ଶରୀର ଅସୁସ୍ଥ ହେବାରେ କେତେଜଣ ଯୁବକଙ୍କ ସହାୟତାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। କିନ୍ତୁ ଡିୟୁଟିରେ ଥିବା ଡାକ୍ତର ଅନିଲଙ୍କୁ ମୃତ ଘୋଷଣା କରିଥିଲେ। କରୋନା ଟିକା ନେବା ପରେ ଅନିଲଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସ୍ତ୍ରୀ ଇନ୍ଦୁମଣି ଅଭିଯୋଗ ଆଣିଛନ୍ତି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆଫ୍ରୋଜ କହିଛନ୍ତି, କରୋନା ଟିକା ନେଇ କୌଣସି ଅଘଟଣ ହୋଇନାହିଁ। ତଦନ୍ତକାରୀ ଅଧିକାରୀ ବାବୁଲି ପ୍ରଧାନ କହିଛନ୍ତି, ମାମଲା ହୋଇ ତଦନ୍ତ ଚାଲିଛି।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୁତୋଷ



@ ଲିଟନ୍



@ ଶୁଭେନ୍ଦୁ



@ ବନ୍ଦନା



@ ଜ୍ୟୋତିଷ୍ମାନ



@ ରାକେଶ

### ବିଷ୍ଣୁପଦ ସେଠୀଙ୍କୁ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍), ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍(ଆଇପିଇ) ଏବଂ ଓଡ଼ିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନ୍‌ସିଲ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ରାଜ୍ୟ ନିରାପତ୍ତା ସମ୍ମେଳନ-୨୦୨୧ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଅଧ୍ୟକ୍ଷ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ଚଳିତ ବର୍ଷର ସମ୍ମାନଜନକ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ ଦିଆଯାଇଛି। ସର୍ବୋତ୍ତମ ଉଦ୍ୟୋଗ ପରିଚାଳନା-ପିଏସ୍‌ୟୁ ବର୍ଗରେ ସେଠୀଙ୍କୁ ଏହି ସମ୍ମାନ ମିଳିଛି। ଓଏଚ୍‌ପିସିକୁ ରାଜ୍ୟର ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗରେ ପରିଣତ କରିବାରେ ସେଠୀଙ୍କ ଅବଦାନ ଅତୁଳନୀୟ ବୋଲି ପୁରସ୍କାର ପ୍ରଦାନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଅଧ୍ୟକ୍ଷ ସେଠୀଙ୍କ ତରଫରୁ ସଂସ୍ଥାର ନିର୍ଦ୍ଦେଶକ(ମାନବ ସମ୍ବଳ) ପ୍ରବୋଧ କୁମାର ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ପ୍ରବୋଧ ମହାନ୍ତିଙ୍କୁ ମଧ୍ୟ ସର୍ବୋତ୍ତମ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର-୨୦୨୧ ଦିଆଯାଇଛି।

### ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ

**ନିମାପଡ଼ା,୨୩।୧୨(ଡି.ଏନ୍.ଏ.)**

ଅଖିଳ ଭାରତ କୃଷକ ମହାସଂଘ, ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ପ୍ରାୟ ୫୦ଜଣ ଚାଷୀ ୫ଦଫା ଦାବି ନେଇ ଗୁରୁବାର ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କୃଷକ ନେତା କୃଷ୍ଣଚନ୍ଦ୍ର ରାଉତ, ଦେବେନ୍ଦ୍ରନାଥ ସାହୁ, ସନାତନ ପାତ୍ର, ପ୍ରଦୀପ୍ତ ମହାପାତ୍ର, ସନ୍ତୋଷ ବେହେରା, ମହେନ୍ଦ୍ର ବାରିକ, ଦଣ୍ଡପାଣି ସାହୁ ପ୍ରମୁଖଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ତହସିଲ ଅଫିସ ଆଗରେ ପହଞ୍ଚିଥିଲା। ପରେ ଅଖିଳ ଭାରତ କୃଷକ ସଭା ନିମାପଡ଼ା ଆଞ୍ଚଳିକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।





ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଆଦି କେତେକ ଦାବି ନେଇ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।





୩ ଦଫା ଦାବିରେ ଓଡ଼ିଶା ୧୦୪ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।



ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନକୁ ଗୁରୁବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ରୟାଲ ଷ୍ଟାର ସିକ୍ସର ବିଜୟୀ

ବୋଲଗଡ଼,(ଡି.ଏନ୍.ଏ.): ବୋଲଗଡ଼ ମିନି ଷ୍ଟାଡିୟମରେ ଚାଲିଥିବା ବୋଲଗଡ଼ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟର ଗୁରବାର ମ୍ୟାଚରେ ସାଇ ସୁପର କିଙ୍ଗଙ୍କୁ ହରାଇ ରୟାଲ ଷ୍ଟାର ସିକ୍ସର ଟିମ୍ ବିଜୟୀ ହୋଇଛି। ଟସ୍ ଜିତି ରୟାଲ ଷ୍ଟାର ସିକ୍ସର ଟିମ୍ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସାଇ ସୁପର କିଙ୍ଗ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୭୮ରନ ସଂଗ୍ରହ କରିଥିଲା। ଜବାବରେ ଷ୍ଟାର ସିକ୍ସର ଟିମ ୭ ଉଇକେଟ ବିନିମୟରେ ୭୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଧନେଶ୍ୱର ସାହୁ ଓ ରଶ୍ମିରଞ୍ଜନ ମହାରଣା ମ୍ୟାଚ୍ ପରିଚାଳନା କରିଥିଲେ। ସୁନୀଲ ସାହୁ, ସୁଦର୍ଶନ ସାହୁ, ଗଣେଶ୍ୱର ପୃଷ୍ଟି ସହଯୋଗ କରିଥିଲେ। ଅତିଥିଭାବେ ବୁଦ୍ଧିରାମ ଦାସ, ପ୍ରଭାତ ପରିଡା, ବିବେକ ଶତପଥୀ ଯୋଗଦେଇଥିଲେ।

# ଏସ୍‌ଓପି ମାନୁନାହାନ୍ତି ମଦ ବିକ୍ରେତା

ଖୋର୍ଦ୍ଧା ଅଫିସ,୨୩।୧୨

- ଧାର୍ଯ୍ୟ ଦର ଠାରୁ ଚଢ଼ାରେ ବିକ୍ରି କରୁଛନ୍ତି
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ
- କାର୍ଯ୍ୟାନୁଷ୍ଠାନ ନିଆଯିବ: ଅବକାରୀ ଅଧୀକ୍ଷକ

ଖୋର୍ଦ୍ଧା ଜିଲାରେ ମଦ ବିକ୍ରେତା ମାନୁନାହାନ୍ତି ଅବକାରୀ ବିଭାଗର ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଡିଓର (ଏସ୍‌ଓପି)। ଧାର୍ଯ୍ୟ ଦରଠାରୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଦୋକାନ ଆଗରେ କୌଣସି ଦର ତାଲିକା ଝୁଲା ଯାଉନାହିଁ। ଗ୍ରାହକ ବିଲ୍ ମାଗିଲେ ଦିଆଯାଉନାହିଁ। ଜଟଣୀ ଥାନା ଛକ ନିକଟ ଏକ ବାରରେ ଜଣେ ଗ୍ରାହକ ଧାର୍ଯ୍ୟ ଦର ଠାରୁ କାହିଁକି ଅଧିକ ଟଙ୍କା ନିଆଯାଉଛି, ବିଲ୍ କାହିଁକି ଦେବେ ନାହିଁ ବୋଲି ଦୋକାନୀ ସହ ଯୁକ୍ତିତର୍କ କରୁଥିବା ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ପଦାକୁ ଆସିଛି। ମଦ ବିକ୍ରେତା ଏବଂ ଅବକାରୀ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଗ୍ରାହକ ଶୋଷଣର ଶିକାର ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି କାରବାର ଚାଲିଥିବା ବେଳେ ସେଭଳି କୌଣସି ଅଭିଯୋଗ ନ ଥିବା କହି ଏହାକୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଆଗକୁ ନୂଆ ବର୍ଷ ଆସୁଥିବାରୁ ମଦ ଦୋକାନ ଆଗରେ ଗ୍ରାହକଙ୍କ ଭିଡ ଜମୁଛି। ମଦ ଦୋକାନଗୁଡିକ ଅବାକରୀ ବିଭାଗର ଏସ୍‌ଓପିକୁ ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଏନେଇ ଜିଲା ଅବକାରୀ ଅଧୀକ୍ଷକ ଯଶକେତନ ବରିଆ କହିଛନ୍ତି, ମଦ ଦୋକାନଗୁଡିକୁ ଏସ୍‌ଓପି ଜାରି କରାଯାଇଛି। ଦୋକାନ ଆଗରେ ଦର ତାଲିକା ଏବଂ ସିସିଟିଭି ସର୍ଭେଲାନ୍ସରେ ରହିବ। କର୍ମଚାରୀମାନେ ୟୁନିଫର୍ମ ପରିଧାନ କରିବା ଲାଗି ଗାଇଡ୍‌ଲାଇନ ରହିଛି। ଜଟଣୀରେ ଭାଇରାଲ ଭିଡିଓ ହସ୍ତଗତ ହୋଇଛି। ଏହାକୁ ଯାଞ୍ଚ କରାଯିବ। ଏନେଇ ଅବକାରୀ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ସମସ୍ତ ମଦ ଦୋକାନରେ ଯାଞ୍ଚ କରିବେ। ଏସ୍‌ଓପି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ପ୍ରମାଣିତ ହେଲେ ଅବକାରୀ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨୩।୧୨(ଡି.ଏନ୍.ଏ.):** ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ଟାଙ୍ଗୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିପାଟପୁର ଗ୍ରାମର ଜୟଦେବ ବାଛଡ଼ା। ସୂଚନା ମୁତାବକ, ୫ଦିନ ପୂର୍ବେ ଜୟଦେବ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ମୋବାଇଲ ଫୋନ ଦେଖାଇବା ଆଳରେ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୧୫/୨୧) ରୁଜୁକରି ତଦନ୍ତ ଚଳାଇଥିଲା। ଟାଙ୍ଗୀ ବସ୍‌ଷ୍ଟାଣ୍ଡ ନିକଟରୁ ଗୁରୁବାର ସକାଳେ ଅଭିଯୁକ୍ତଙ୍କୁ ଧରାଯାଇଥିଲା ବୋଲି ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି।

### ବସ୍ ପଛକୁ ପିଟିଲା କଣ୍ଟେନର, ଜଣେ ଗୁରୁତର

**ବାଲୁଗାଁ,୨୩।୧୨(ଡି.ଏନ୍.ଏ.):** ୧୬ନମ୍ବର ଜାତୀୟ ରାଜପଥର ବାଲୁଗାଁ ବାଇପାସ୍ ରାସ୍ତା ଅଲାଇଡ଼ିହ ଓଭରବ୍ରିଜ୍ ଠାରେ ବୁଧବାର ରାତିରେ ଏକ ଯାତ୍ରୀବାହୀ ବସ୍ ପଛକୁ କ୍ଷୀର ବୋଝେଇ କଣ୍ଟେନର ଧକ୍କା ଦେବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ଦୀକ୍ଷିତପଡ଼ା ଗ୍ରାମର ସିଦ୍ଧାର୍ଥ ରଣସିଂହ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବୁଧବାର ରାତି ପ୍ରାୟ ୧୧ଟାରେ ଭୁବନେଶ୍ୱରରୁ ରାୟଗଡ଼ା ଅଭିମୁଖେ ଯାଉଥିବା 'ଗାନ୍ଧୀ' ନାମକ ବସ୍ ବାଲୁଗାଁ ନିକଟ ଅଲାଇଡ଼ିହ ଓଭରବ୍ରିଜ୍ ଠାରେ ଯାତ୍ରୀ ଉଠାଇବା ପାଇଁ ଅଟକିଥିଲା। ସିଦ୍ଧାର୍ଥ ସମ୍ପର୍କୀୟଙ୍କୁ ନେଇ ଉକ୍ତ ବସ୍‌ରେ ବସାଇ ତାଙ୍କର ଆସବାବପତ୍ରକୁ ବସ୍ ଲଗେଜ୍ କ୍ୟାରିୟରରେ ରଖୁଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ଆସୁଥିବା ଏକ କ୍ଷୀର ବୋଝେଇ କଣ୍ଟେନର (ଓଡି୦୭ ୱାଇ ୪୩୨୭) ଭାରସାମ୍ୟ ହରାଇ ବସ୍ ପଛକୁ ଧକ୍କା ଦେଇଥିଲା। ଫଳରେ ସିଦ୍ଧାର୍ଥ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ବିଧାୟକଙ୍କ ଦ୍ୱାରା ଭତ୍ତା କାର୍ଡ ବଣ୍ଟନ

**ବୋଲଗଡ଼,୨୩।୧୨(ଡି.ଏନ୍.ଏ.):** ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଗୁରୁବାର ନୂତନ ଭାବେ ପଞ୍ଜୀକୃତ ହୋଇଥିବା ୩୦୧ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇଁ କାର୍ଡ ବଣ୍ଟନ କରାଯାଇଛି। ଏନେଇ ଆୟୋଜିତ ଉତ୍ସବରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ୧୯୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୮୩ ଜଣଙ୍କୁ ବିଧବା ଭତ୍ତା, ୧୨ ଜଣଙ୍କୁ ଦିବ୍ୟାଙ୍ଗ ଭତ୍ତା ଓ ୧୩ଜଣ ସ୍ୱାମୀ ପରିତ୍ୟକ୍ତାଙ୍କ ସାମାଜିକ ସୁରକ୍ଷା ପାଇଁ ଭତ୍ତା କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା, ବିଡିଓ ଧୋବେଇ ନାୟକ, ଏବିଡିଓ ରତିକାନ୍ତ ମିଶ୍ର, ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ପ୍ରାୟ ସମସ୍ତ ସରପଞ୍ଚ ସମିତିସଭ୍ୟ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ। ପୂର୍ବରୁ ଏହି ବ୍ଲକରେ ୧୮୬୧୦ ଜଣ ହିତାଧିକାରୀ ବିଭିନ୍ନ ବିଭାଗରେ ଭତ୍ତା ପାଉଥିବାବେଳେ ଏବେ ନୂତନ ଭାବେ ଏହି ୩୦୧ ହିତାଧିକାରୀଙ୍କ ସାମାଜିକ ସୁରକ୍ଷା ପାଇଁ ଭତ୍ତା ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାମଦେବ ନାୟକ କହିଛନ୍ତି।



ପୁରୀ ବ୍ଲୁଫ୍ଲାଗ୍ ବିଚ୍‌ସ୍ଥିତ ପାନ୍ଥ ନିବାସ ନିକଟରେ ଗୁରୁବାର ଓଟିଡିସି ପକ୍ଷରୁ ଖୋଲାଯାଇଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଲୋକାର୍ପଣ ଉତ୍ସବରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍.ଯାଦବ ଏବଂ ଅନ୍ୟମାନେ।

## ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ନିରାକାରପୁର,୨୩।୧୨(ଡି.ଏନ୍.ଏ.)

ସୁରଟରେ କାର୍ଯ୍ୟରତ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍କୋଳ ସଦାଶିବପୁରପାଟଣାର ଗୁରୁବାରୀ ସାହୁ(୪୦)। ସୂଚନା ମୁତାବକ, ଦୀର୍ଘ ୧୫ବର୍ଷ ହେବ ସୁରଟର ଏକ ଘରୋଇ କମ୍ପାନୀରେ ଗୁରୁବାରୀ କାର୍ଯ୍ୟ କରୁଥିଲେ। ବୁଧବାର ସେ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ କୌଣସି କାରଣରୁ ସିଡିରୁ ତଳକୁ ଖସି ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଗୁରୁବାରୀଙ୍କ ଭାଇ ଉକ୍ତ କମ୍ପାନୀକୁ ମୃତ୍ୟୁ ଘଟଣାରେ ଦାୟୀ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ବ୍ୟବଚ୍ଛେଦ ପରେ କମ୍ପାନୀ କର୍ତ୍ତୃପକ୍ଷ ଏକ ଆମ୍ବୁଲାନ୍ସରେ ମୃତଦେହ ଟାଙ୍କୋଳକୁ ପଠାଇ ଥିବା ଜଣାପଡ଼ିଛି। ଏହି ଘଟଣାରେ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପଟେ ଖବର ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ଗ୍ରାମରେ ପହଞ୍ଚି ନ ଥିବା ଜଣାପଡ଼ିଛି।

# ଓଡ଼ିଶା ପୋଲିସ ସେମିଫାଇନାଲରେ

ଯାଁଳା,୨୩।୧୨(ଡି.ଏନ୍.ଏ.)

**ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟ**

ଜଟଣୀ ବ୍ଲକ ଅନ୍ତର୍ଗତ ମଦନପୁର ଖେଳପଡ଼ିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ୧୦ମ ସର୍ବଭାରତୀୟ ମଦନପୁର କପ୍ ଫୁଟବଲ ଟୁର୍ନାମେଣ୍ଟର ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ କୋଲକାତାର ହୁଗୁଳି ଏଫ୍‌ସି ଟିମ୍‌କୁ ହରାଇ କଟକର ଓଡ଼ିଶା ପୋଲିସ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଓଡ଼ିଶା ପୋଲିସ୍ ଟିମ୍ ପକ୍ଷରୁ ବିଜୟ ବେହେରା ୩୯ ମିନଟ ଓ ଏଲ୍.ମୁର୍ମୁ ୫୮ ମିନଟରେ ଗୋଟିଏ ଲେଖାଏ ମୋଟ୍ ୨ଟି ଗୋଲ ଦେଇ ଦଳକୁ ବିଜୟୀ କରାଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଓଡ଼ିଶା ପୋଲିସ ଟିମର ବିଜୟ ବିବେଚିତ ହୋଇଥିଲେ। ପ୍ରଶାନ୍ତ ପାଲ୍, ଚନ୍ଦ୍ରକାନ୍ତ ବାରିକ୍, ସୁଶାନ୍ତ ମିଶ୍ର ଓ ପ୍ରଦୀପ୍ତ ନାୟକ ମ୍ୟାଚ ପରିଚାଳନା କରିଥିବା ବେଳେ ପ୍ରଦୋଷ କୁମାର ବଳିୟାରସିଂ ମ୍ୟାଚ କମିଶନର ଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ପୂର୍ବତନ ନାଏବ ସରପଞ୍ଚ ପଦ୍ମଚରଣ ଜେନା ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆର୍ତ୍ତବନ୍ଧୁ ଛୁଆଳସିଂ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କଟକର ଓଡ଼ିଶା ପୋଲିସ ଟିମ୍ ଓ ଏଜି ଓଡ଼ିଶା ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ।

## ୧୬୭ ଖବରକାଗଜ ହକରଙ୍କୁ ସହାୟତା

ଖୋର୍ଦ୍ଧା ଅଫିସ,୨୩।୧୨

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ପଞ୍ଜୀକୃତ ଖବରକାଗଜ ହକରମାନଙ୍କୁ ୬ ହଜାର ଟଙ୍କା ଲେଖାଏ କୋଭିଡ ସହାୟତା ପ୍ରଦାନ କରାଯାଇଛି। ଏହି ଯୋଜନା ଦ୍ୱାରା ଖୋର୍ଦ୍ଧା ଉପଖଣ୍ଡର ୧୬୭ ଖବରକାଗଜ ହକର ଉପକୃତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଭର୍ଚୁଆଲ ମାଧ୍ୟମରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବାରିକ ଏବଂ ଖବରକାଗଜ ଏବଂ ପାଠକଙ୍କ ମଧ୍ୟରେ ହକରମାନେ ସେତୁବନ୍ଧୁ ଭାବେ କାର୍ଯ୍ୟ କରୁଛନ୍ତି। ଖରା, ବର୍ଷା, ଶୀତ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ବିତରକମାନେ ପାଠକଙ୍କ ନିକଟରେ ପହଞ୍ଚାଇଥାନ୍ତି। କରୋନା ମହାମାରୀ ସଂକ୍ରମଣକୁ ଭୟ ନ କରି ନିରବଚ୍ଛିନ୍ନ ଭାବେ ହକରମାନେ କାର୍ଯ୍ୟ ସମ୍ପାଦନା କରି ଆସୁଛନ୍ତି ବୋଲି ଜିଲାପାଳ ମହାପାତ୍ର କହିଛନ୍ତି। ଏନେଇ ଉପସ୍ଥିତ ଖବରକାଗଜ ବିତରକମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ୨୦୨୭ ସୁଦ୍ଧା ମ୍ୟାଲେରିଆ ମୁକ୍ତ ହେବ ଜିଲା




ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

ଖୋର୍ଦ୍ଧା ଅଫିସ,୨୩।୧୨

ଖୋର୍ଦ୍ଧା ଜିଲାରେ ମ୍ୟାଲେରିଆ ନିରାକରଣ ନିମନ୍ତେ ଟାସ୍କଫୋର୍ସ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲାକୁ ୨୦୨୭ ମସିହା ସୁଦ୍ଧା ମ୍ୟାଲେରିଆ ମୁକ୍ତ ଲାଗି ଲକ୍ଷ୍ୟ ରହିଛି। ଜିଲାରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଉଛି। ୨୦୧୬ରେ ୭୫୮ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୦୨୦ରେ ୬୫ଜଣ ଏବଂ ୨୦୨୧ରେ ୫୩ଜଣ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଛନ୍ତି। ବାଣପୁର ବ୍ଲକରେ ସର୍ବାଧିକ ରୋଗୀ ଚିହ୍ନଟ ହୋଇଛନ୍ତି। ଏଠାରେ ୯୨ହଜାର ଔଷଧୀୟ ମଶାରି ଦିଆଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଘୁନାଥ ନାୟକ, ଜିଲା ମ୍ୟାଲେରିଆ ଅଧିମାରୀ ଡା.ନନ୍ଦିତା ଗୁପ୍ତାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶୁତୋଷ



@ ଲିଟନ୍



@ ଶୁଭେନ୍ଦୁ



@ ବନ୍ଦନା



@ ଜ୍ୟୋତିଷ୍ମାନ



@ ରାକେଶ

## ବିଷ୍ଣୁପଦ ସେଠୀଙ୍କୁ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍), ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍(ଆଇପିଇ) ଏବଂ ଓଡ଼ିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନ୍‌ସିଲ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ରାଜ୍ୟ ନିରାପତ୍ତା ସମ୍ମେଳନ-୨୦୨୧ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଅଧ୍ୟକ୍ଷ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ଚଳିତ ବର୍ଷର ସମ୍ମାନଜନକ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ ଦିଆଯାଇଛି। ସର୍ବୋତ୍ତମ ଉଦ୍ୟୋଗ ପରିଚାଳନା-ପିଏସ୍‌ୟୁ ବର୍ଗରେ ସେଠୀଙ୍କୁ ଏହି ସମ୍ମାନ ମିଳିଛି। ଓଏଚ୍‌ପିସିକୁ ରାଜ୍ୟର ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗରେ ପରିଣତ କରିବାରେ ସେଠୀଙ୍କ ଅବଦାନ ଅତୁଳନୀୟ ବୋଲି ପୁରସ୍କାର ପ୍ରଦାନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଅଧ୍ୟକ୍ଷ ସେଠୀଙ୍କ ତରଫରୁ ସଂସ୍ଥାର ନିର୍ଦ୍ଦେଶକ(ମାନବ ସମ୍ବଳ) ପ୍ରବୋଧ କୁମାର ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ପ୍ରବୋଧ ମହାନ୍ତିଙ୍କୁ ମଧ୍ୟ ସର୍ବୋତ୍ତମ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର-୨୦୨୧ ଦିଆଯାଇଛି।




ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଆଦି କେତେକ ଦାବି ନେଇ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।




୩ ଦଫା ଦାବିରେ ଓଡ଼ିଶା ୧୦୪ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।



ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନକୁ ଗୁରୁବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ଆଜି ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ**

**କଟକ ଅଫିସ:** ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ଶୁକ୍ରବାର ପାଳନ ହେବ। ବିଶ୍ୱବିଦ୍ୟାଳୟର ସେଭେନ ପିଲାର ଅଫ ଉଇସଡମରେ ଆୟୋଜନ ହେବାକୁ ଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଦୀପକ ମିଶ୍ର ଏବଂ ଓପିଏସସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମର ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ଆଜି କ'ଣ କେଉଁଠି

କଟକ

- ଉତ୍କଳ ସାମ୍ବାଦିକ ସଂଘ କଟକ ଜିଲା ଶାଖାର ବାର୍ଷିକୋତ୍ସବ, ନୌବାଣିଜ୍ୟ ସଂଗ୍ରହାଳୟ, ଯୋବ୍ରା, ପୂର୍ବାହ୍ନ ୧୦ଟା।
- ରାଜ୍ୟ ଖାଉଟି ବିବାଦ ସମାଧାନ ଆୟୋଗ ପକ୍ଷରୁ ଜାତୀୟ ଖାଉଟି ଦିବସ ପାଳନ, ଆୟୋଗ ପରିସର, ସେକ୍ଟର-୧, ସିଡିଏ, ପୂର୍ବାହ୍ନ ୧୧ଟା।
- ରେଭେନ୍ସା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ପାଳନ, ସେଭେନ ପିଲାର୍ସ ଅଫ୍ ଉଇସ୍‌ଡମ, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା।
- ଲେଖିକା ଜାହ୍ନବୀ ମିଶ୍ରଙ୍କ ୨ ପୁସ୍ତକ ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ଚୌଧୁରୀ ବଜାର, ଅପରାହ୍ନ ୩ଟା।

# ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦରେ ଆନ୍ଦୋଳନ

**କଟକ ଅଫିସ,୨୩।୧୨**

ନିଟ୍ ପିଜି କାଉନ୍‌ସେଲିଂ ବିଳମ୍ବ ପ୍ରତିବାଦରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରସ୍ଥ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପିଜି ଛାତ୍ରୀଛାତ୍ରମାନେ ଗୁରୁବାର କାର୍ଯ୍ୟବନ୍ଦ କରି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି। ଯେ ପର୍ଯ୍ୟନ୍ତ କେନ୍ଦ୍ର ସରକାର ନିଟ୍ ପିଜି କାଉନ୍‌ସେଲିଂ ଆରମ୍ଭ ନ କରାଉଛନ୍ତି ସେପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରିରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଛାତ୍ରୀଛାତ୍ରମାନେ ଗଣମାଧ୍ୟମକୁ କହିଛନ୍ତି, ପିଜି ନାମଲେଖା ପାଇଁ ୨୦୨୧ ମାର୍ଚ୍ଚ ଭିତରେ ପରୀକ୍ଷା ସରିବା ଓ କାଉନସେଲିଂ ହେବା କଥା। ହେଲେ ଚଳିତବର୍ଷ କୋଭିଡ୍ ପାଇଁ ସେପ୍ଟେମ୍ବରରେ ପରୀକ୍ଷା ହୋଇ ସେହି ମାସରେ ଫଳ ପ୍ରକାଶିତ ହୋଇଥିଲା। କିନ୍ତୁ କୋର୍ଟରେ ମାମଲା ଥିବା ଯୋଗୁ ଏପର୍ଯ୍ୟନ୍ତ କାଉନସେଲିଂ ହୋଇପାରିନି। ଅନ୍ୟପଟେ ଏହି କାଉନ୍‌ସେଲିଂ ବ୍ୟବସ୍ଥା ସର୍ବଭାରତୀୟ ସ୍ତରୀର ଓ ରାଜ୍ୟସ୍ତରୀୟ ହେବ। କିନ୍ତୁ ୮ ମାସ ପରେ ବି କାଉନସେଲିଂ ହୋଇ ନ ଥିବାରୁ ଛାତ୍ରୀଛାତ୍ରଙ୍କର ଗୋଟିଏ ବର୍ଷ ପଛେଇ ଯିବା ଭଳିସ୍ଥିତି ସୃଷ୍ଟି ହେଲାଣି। ୨୦୨୧ରେ ନାମଲେଖା ପାଇଁ ଏଭଳି ସ୍ଥିତି ରହିଥିବା ବେଳେ ୨୦୨୨ ପାଇଁ ସର୍ବଭାରତୀୟ ମେଡିକାଲ ପିଜି ପ୍ରବେଶିକା ପରୀକ୍ଷା ମାର୍ଚ୍ଚ ୧୨ରେ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। କୋଭିଡ୍‌ର ଆଉ ଏକ ଲହର ଆସୁଥିବାବେଳେ କାଉନ୍‌ସେଲିଂରେ ବିଳମ୍ବ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଯଥାଶୀଘ୍ର ନିଟ୍ ପିଜି କାଉନସେଲିଂ ପ୍ରକ୍ରିୟା ଆରମ୍ଭ କରିବାକୁ ଦାବି ହେଉଛି।



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପିଜି ଛାତ୍ରୀଛାତ୍ର ଆନ୍ଦୋଳନ କରୁଛନ୍ତି।

## ଦୁର୍ଘଟଣାରେ ଜଣେ ମୃତ

ଚୌଦ୍ୱାର,୨୩।୧୨(ଡି.ଏନ୍.ଏ.) ୫୫ନଂ. ଜାତୀୟ ରାଜପଥର ମଙ୍ଗୁଳି-ଚୌଦ୍ୱାର ରସ୍ତାରେ ଗୁରୁବାର ସକାଳେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ମଙ୍ଗୁଳିରୁ ଚୌଦ୍ୱାର ଅଭିମୁଖେ ଏକ ଟ୍ରକ ଯାଉଥିଲା। ଏହି ସମୟରେ ବଡଚଣା ଥାନା ଅଧୀନ ଛତିଆ ପାଟଣା ଗ୍ରାମର ନରିଆ ବେହେରା ଓ ତାଙ୍କ ସାଥି କାଳନ୍ଦୀ ସେଠୀ ଏକ ସ୍କୁଟିରେ ଉକ୍ତ ଟ୍ରକକୁ ଅତିକ୍ରମ କରୁଥିବାବେଳେ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ଫଳରେ ଟ୍ରକ୍ ମାଡିଯିବାରୁ ନରିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। କାଳନ୍ଦୀ ଗୁରୁତର ହୋଇଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତ୍ୱରଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ଟ୍ରକ ଓ ସ୍କୁଟି ଜବତ କରି ଥାନାକୁ ଆଣିଛି। ସୂଚନାଯୋଗ୍ୟ, ୫୫ନଂ. ଜାତୀୟ ରାଜପଥର ଅବସ୍ଥା ଶୋଚନୀୟ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ତୁରନ୍ତ ମରାମତି ସାରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ପୁରୀ ବ୍ଲୁଫ୍ଲାଗ୍ ବିଚ୍‌ସ୍ଥିତ ପାନ୍ଥ ନିବାସ ନିକଟରେ ଗୁରୁବାର ଓଟିଡିସି ପକ୍ଷରୁ ଖୋଲାଯାଇଥିବା 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଲୋକାର୍ପଣ ଉତ୍ସବରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍.ଯାଦବ ଏବଂ ଅନ୍ୟମାନେ।

## ୮୨୨ ହକରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଗଲା ସହାୟତା ରାଶି

**କଟକ ଅଫିସ,୨୩।୧୨:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟର ପଞ୍ଜୀକୃତ ଖବରକାଗଜ ହକରମାନଙ୍କୁ ୬ ହଜାର ଟଙ୍କା ଲେଖାଏ କୋଭିଡ ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି। ଏହି ଯୋଜନା ଦ୍ୱାରା କଟକ ଜିଲାର ୮୨୨ ଜଣ ହକର ଉପକୃତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ କଟକ ଶହୀଦ ଭବନଠାରେ ଏକ ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ସୌଭିକ୍ ବିଶ୍ୱାଳ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସୂଚନା ଓ ଲୋକ ସମ୍ପର୍କ ବିଭାଗର କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅଶୋକ କୁମାର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୩ କୋର୍ଟ ଉଦ୍‌ଘାଟିତ

**କଟକ ଅଫିସ,୨୩।୧୨:** ଦେବଗଡ ଜିଲା ପରିବାର ଅଦାଲତ, ଝାରସୁଗୁଡା ଜିଲା ପରିବାର ଅଦାଲତ ଓ ବୌଦ୍ଧ ଜିଲା ଅଧୀନ କଣ୍ଟାମାଳ ଅତିରିକ୍ତ ଜିଲା ଓ ସେଶନ ଜଜଙ୍କ କୋର୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭିଡିଓ କନଫରେନ୍ସ ମାଧ୍ୟମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହାକୁ ଉଦ୍‌ଘାଟନ କରି କହିଥିଲେ, ଏହି ନୂତନ କୋର୍ଟ ଦ୍ୱାରା ପଡିରହିଥିବା ମାମଲାଗୁଡିକର ଫଇସଲା ହୋଇପାରିବ। ଅନ୍ୟମାନଙ୍କ ମଧ୍ୟରେ ବିଚାରପତି ଅରିନ୍ଦମ ସିହ୍ନା, କେ.ଆର୍. ମହାପାତ୍ର, ସାବିତ୍ରୀ ରଥଙ୍କ ସମେତ ଆଇନଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

# ଏସ୍‌ସିବିରେ ଡାକ୍ତର ପଦବୀ ପୂରଣ କରାଯାଉ

**କଟକ ଅଫିସ,୨୩।୧୨**

ବିଭିନ୍ନ ଦାବି ପୁରଣ ପାଇଁ ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ସରକାର ଉଦ୍ୟମ ଜାରି ରଖିଛନ୍ତି। ହେଲେ ବାସ୍ତବ କ୍ଷେତ୍ରରେ ମେଡିକାଲରେ ମଞ୍ଜୁରୀପ୍ରାପ୍ତ ଡାକ୍ତର, ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଓ ଆସୋସିଏଟ୍ ପ୍ରଫେସର ପଦବୀ ଖାଲି ପଡିଛି। ଆବଶ୍ୟକ ଭିତ୍ତିଭୂମି ନଥିବାରୁ ରୋଗୀମାନେ ବାରଣ୍ଡାରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ପ୍ରକାର ପରୀକ୍ଷା କରିବା ପାଇଁ ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଛିଡା ହେବାକୁ ପଡୁଛି। ରୋଗୀଙ୍କୁ ସହଜ ଓ ମାଗଣାରେ ରକ୍ତ ଯୋଗାଇ ଦେବା ପାଇଁ ସରକାରୀ ବ୍ୟବସ୍ଥା ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ। ଏଣୁ କଟକ ବଡ ମେଡିକାଲ ସମେତ ରାଜ୍ୟରେ ସମସ୍ତ ମେଡିକାଲରେ ଖାଲିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ, ଶଯ୍ୟା ସଂଖ୍ୟା ବୃଦ୍ଧି, ଆବଶ୍ୟକ ଭିତ୍ତିଭୂମି ଯୋଗାଇଦେବା, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଏବଂ ଥାଲାସେମିଆ, ସିକିଲସେଲ ଓ ଆନେମିଆ ରୋଗୀଙ୍କୁ ସହଜରେ ରକ୍ତ ଯୋଗାଇଦେବା, ପିଜି ଓ ଏମ୍‌ବିବିଏସ୍ ସିଟ୍ ବୃଦ୍ଧି ପାଇଁ ଭିତ୍ତିଭୂମି ବଢାଇବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜନସ୍ୱାସ୍ଥ୍ୟ ସୁରକ୍ଷା ମଞ୍ଚର ପ୍ରଶାନ୍ତ ଦାସ, ଚିତ୍ତରଞ୍ଜନ ମହାନ୍ତି, ଲକ୍ଷ୍ମୀ ମହାନ୍ତି, ସି.ଭି. ଶାସ୍ତ୍ରୀ, କାମିଲୁଦ୍ଦିନ ଅହମ୍ମଦ୍, ସୁରେନ୍ଦ୍ର ରାଉତ,ଏନାମଲ୍ ହକ୍, ବବି ବଳବନ୍ତରାୟ, ଖଗେଶ୍ୱର ସେଠୀ ଓ ପାଭେଲ ପ୍ରିୟଦର୍ଶନ ପ୍ରମୁଖ ଦାବିପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

## ପୂର୍ବତନ ଫାଣ୍ଡି ଅଧିକାରୀଙ୍କ ପରଲୋକ

**ସାଲେପୁର,୨୩।୧୨(ଡି. ଏନ. ଏ):** ସାଲେପୁର ଥାନା ଜପକୁଦ ଫାଣ୍ଡିର ପୂର୍ବତନ ଅଧିକାରୀ ବ୍ରଜ କିଶୋର ଦକ୍ଷିଣ କବାଟଙ୍କ ଗୁରୁବାର ମୃତ୍ୟୁ ଘଟିଛି। ତାଙ୍କ ଘର ଖୋର୍ଦ୍ଧା ଜିଲା ଅନ୍ତର୍ଗତ ବାଙ୍କୋଇ ଗ୍ରାମରେ। ଦକ୍ଷିଣ କବାଟ କିଛିଦିନ ଅସୁସ୍ଥ ରହି ଚିକିତ୍ସାଧୀନ ଥିଲେ। ସେ ସାଲେପୁର ଥାନାକୁ ଏଏସ୍‌ଆଇ ଭାବେ ବଦଳି ହୋଇଥିଲେ ମଧ୍ୟ ଅସୁସ୍ଥତା ହେତୁ କାର୍ଯ୍ୟରେ ଯୋଗଦେଇ ପାରି ନ ଥିଲେ।

## 'ନାରୀ ସଶକ୍ତ ହେଲେ ଦେଶର ଉନ୍ନତି ହେବ'

**ଖୁଣ୍ଟୁଣୀ,୨୩।୧୨(ଡ଼ି.ଏନ.ଏ):** ଖୁଣ୍ଟୁଣୀ ଥାନା ଅଧୀନ ମାଧପୁରସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିସରରେ ନାରୀ ସଶକ୍ତି କରଣରେ ଶିକ୍ଷାର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାପ୍ତାହିକ ଖବରକାଗଜ ଉଦୟ ଲାବଣ୍ୟ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଯୋଗଦେଇ କହିଥିଲେ, ନାରୀ ସଶକ୍ତ ହେଲେ ଦେଶର ଉନ୍ନତି ହେବ। ଏଥିରେ ମୁଖ୍ୟବକ୍ତା ସାହିତ୍ୟିକ ନାରାୟଣ ପଣ୍ଡା, ସମ୍ମାନିତ ଅତିଥିଭାବେ କଟକ ଜିଲା ସମାଜମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଆଠଗଡ଼ ସମାଜ ମଙ୍ଗଳ ଅଧିକାରୀ ବିଭୁପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଉଦୟ ଲାବଣ୍ୟ ସମ୍ପାଦକ ଲଲାଟେନ୍ଦୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହସମ୍ପାଦକ ବିଜୟ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରୀ ସଶକ୍ତିକରଣରେ ଶିକ୍ଷାର ଭୂମିକା ଶୀର୍ଷକ ଭାଷଣ ପ୍ରତିଯୋଗିତାରେ ବିଦ୍ୟାଳୟର ୩ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଚେତନ ନ ହେଲେ ଆଦାୟ ହେବ ଜରିମାନା

**କଟକ ଅଫିସ, ୨୩।୧୨**

ସହରକୁ ସ୍ୱଚ୍ଛ ରଖିବା ପାଇଁ କଟକ ମହାନଗର ନିଗମ ପକ୍ଷରୁ ଗୁରୁବାର ୨୩ଟି ଗାଡି ସହାୟତାରେ ଆବର୍ଜନା ସଂଗ୍ରହ ଆରମ୍ଭ ହୋଇଛି। ଉକ୍ତ ଗାଡି ଘରକୁ ଘର ବୁଲି ବର୍ଜବସ୍ତୁ ସଂଗ୍ରହ କରିଛି। ତେବେ ଏଥିପାଇଁ ଲୋକଙ୍କୁ ଓଦା ଏବଂ ସୁଖିଲା ଆବର୍ଜନା ପୃଥକ କରି ଦେବାକୁ କୁହାଯାଇଛି। ଡେପୁଟି କମିଶନର ସଞ୍ଜୀବିତା ରାୟ କେତେକ ୱାର୍ଡ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ସେ କହିଛନ୍ତି ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ଲୋକମାନେ ରାସ୍ତାରେ ଆବର୍ଜନା ପକାଇବେ ନାହିଁ। ଲୋକେ ଏନେଇ ସଚେତନ ନ ହେଲେ ଜରିମାନା ଆଦାୟ କରାଯିବ ବୋଲି ସେ କହିଛନ୍ତି।

## ଆଜିଠୁ ଅଲ୍ ଇଣ୍ଡିଆ ଲୟର୍ସ କ୍ରିକେଟ ଟୁର୍ନାମେଣ୍ଟ

**କଟକ ଅଫିସ,୨୩।୧୨**

କଟକରେ ୨୪ତମ ଅଲ ଇଣ୍ଡିଆ ଲୟର୍ସ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାରଠାରୁ ଆରମ୍ଭ ହେବ। ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ବାର୍ ଆସୋସିଏଶନର ୧୨ଟି ଦଳ ଭାଗ ନେବେ। ଏହି ଉପଲକ୍ଷେ ଗୁରୁବାର ସନ୍ଧ୍ୟାରେ କଟକ କ୍ଲବଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଉଦ୍‌ଘାଟନ କରିଥିଲେ। ଏଥିରେ ଜଷ୍ଟିସ ସଙ୍ଗମ କୁମାର ସାହୁ, ଆଦିତ୍ୟ କୁମାର ମହାପାତ୍ର, ସାବିତ୍ରୀ ରଥ ଯୋଗଦେଇଥିଲେ। ଡ୍ରିମ୍‌ସ କଲେଜ, ସନ୍‌ସାଇନ ଓ ନିମପୁର ପଡିଆରେ ଏହି ମ୍ୟାଚ ଖେଳାଯିବ। ଆଇନଗତ ଭାଇଚାରା ଓ ଶାରୀରିକ ସୁସ୍ଥତାକୁ ଧ୍ୟାନଦେଇ ଏହି ମ୍ୟାଚ୍ ଖେଳାଯିବ।

# ୨୦୨୪ରେ ସରିବ ରୂପାନ୍ତରୀକରଣ କାର୍ଯ୍ୟ

**କଟକ ଅଫିସ, ୨୩।୧୨**

**ଭବିଷ୍ୟତ କଟକର ରୂପରେଖ ଶୀର୍ଷକ ଆଲୋଚନାଚକ୍ର**

ରୋଟାରୀ କ୍ଲବ କଟକ ଇଷ୍ଟ ପକ୍ଷରୁ 'ଭବିଷ୍ୟତ କଟକର ରୂପରେଖ' ଶୀର୍ଷକ ଆଲୋଚନାଚକ୍ର ଅନ୍‌ଲାଇନ ମାଧ୍ୟମରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଏମ୍‌ସି ପ୍ରଶାସକ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ବିଶ୍ୱସ୍ତରୀୟ ନିମନ୍ତେ ରୂପାନ୍ତରୀକରଣ କାର୍ଯ୍ୟ ୨୦୨୪ ଜାନୁୟାରୀରେ ଶେଷ ହେବ ବୋଲି କହିଥିଲେ। ସେହିପରି କଟକ ଚାରିପଟେ ଥିବା ଚାରିଲେନ ବିଶିଷ୍ଟ ରିଂରୋଡକୁ ପାର୍କିଂ ଓ ସର୍ଭିସ ରୋଡ ସହ ୬ ଲେନ କରିବା ନିମନ୍ତେ ଖୁବ୍‌ଶୀଘ୍ର ଟେଣ୍ଡର କରାଯିବ। ନେତାଜୀ ବସ୍ ଟର୍ମିନାଲରୁ ଏସ୍‌ସିବି ମେଡିକାଲ ପର୍ଯ୍ୟନ୍ତ ରାସ୍ତାକୁ ସମ୍ପ୍ରସାରିତ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ତାଳଦଣ୍ଡା କେନାଲରେ ଜଳକ୍ରୀଡା, ମହାନଦୀ ପଠାରେ ଯୋବ୍ରାଠାରୁ ବାଲିଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ବାଲି ପୋତା ଯାଇଥିବା ସ୍ଥାନରେ ଖେଳପଡ଼ିଆ, ଗାଡ଼ି ପାର୍କିଂ, ଛତ୍ରବଜାର ପରିବା ମାର୍କେଟ, ତାଳଦଣ୍ଡା କେନାଲ ଉଭୟ ପଟ ରାସ୍ତା ବିରିବାଟୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ଅନୁଗୋଳ ବସ୍‌ଷ୍ଟାଣ୍ଡରେ ବିଶ୍ୱନାଥ ପାଠାଗାର ନିର୍ମାଣ କରାଯିବ ବୋଲି କହିଥିଲେ। କ୍ଲବ ସଭାପତି ଇଂ. ସୁବୋଧ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ଉପସଭାପତି ସୁଶାନ୍ତ ପଣ୍ଡା, ସେକ୍ରେଟାରୀ ପ୍ରମୋଦ ପ୍ରତିହାରୀ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଇଂ. ପ୍ରଭାକର ବସ୍ତିଆ, ବିକାଶ ଚନ୍ଦ୍ର ବେହେରା, ଇଂ. ପ୍ରସନ୍ନ ସାହୁ, ଡା. ପ୍ରଦୀପ ଦାସ, ବିଜୟ କୁମାର ପୁହାଣ, ଶରତ ଚନ୍ଦ୍ର ଦାଶ, ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଶୁତୋଷ


@ ଲିଟନ୍


@ ଶୁଭେନ୍ଦୁ


@ ବନ୍ଦନା


@ ଜ୍ୟୋତିଷ୍ମାନ


@ ରାକେଶ

# ବିଷ୍ଣୁପଦ ସେଠୀଙ୍କୁ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ହାଇଦ୍ରାବାଦସ୍ଥିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍), ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍(ଆଇପିଇ) ଏବଂ ଓଡ଼ିଶା ଷ୍ଟେଟ ପ୍ରଡକ୍ଟିଭିଟି କାଉନ୍‌ସିଲ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ଓଡ଼ିଶା ରାଜ୍ୟ ନିରାପତ୍ତା ସମ୍ମେଳନ-୨୦୨୧ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଶା ଜଳବିଦ୍ୟୁତ୍ ନିଗମ(ଓଏଚ୍‌ପିସି) ଅଧ୍ୟକ୍ଷ ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କୁ ଚଳିତ ବର୍ଷର ସମ୍ମାନଜନକ କଳିଙ୍ଗ ଏକ୍ସଲେନ୍ସି ଆୱାର୍ଡ ଦିଆଯାଇଛି। ସର୍ବୋତ୍ତମ ଉଦ୍ୟୋଗ ପରିଚାଳନା-ପିଏସ୍‌ୟୁ ବର୍ଗରେ ସେଠୀଙ୍କୁ ଏହି ସମ୍ମାନ ମିଳିଛି। ଓଏଚ୍‌ପିସିକୁ ରାଜ୍ୟର ଏକ ଅଗ୍ରଣୀ ସରକାରୀ ଉଦ୍ୟୋଗରେ ପରିଣତ କରିବାରେ ସେଠୀଙ୍କ ଅବଦାନ ଅତୁଳନୀୟ ବୋଲି ପୁରସ୍କାର ପ୍ରଦାନ ଅବସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। ଅଧ୍ୟକ୍ଷ ସେଠୀଙ୍କ ତରଫରୁ ସଂସ୍ଥାର ନିର୍ଦ୍ଦେଶକ(ମାନବ ସମ୍ବଳ) ପ୍ରବୋଧ କୁମାର ମହାନ୍ତି ପୁରସ୍କାର ଗ୍ରହଣ କରିଥିଲେ। ପ୍ରବୋଧ ମହାନ୍ତିଙ୍କୁ ମଧ୍ୟ ସର୍ବୋତ୍ତମ ମାନବ ସମ୍ବଳ ଉତ୍କର୍ଷ ପୁରସ୍କାର-୨୦୨୧ ଦିଆଯାଇଛି।



ଦରମା ବୃଦ୍ଧି, ସ୍ଥାୟୀ ନିଯୁକ୍ତି ଆଦି କେତେକ ଦାବି ନେଇ ରାଜ୍ୟ ଯୋଗାଣ ସହାୟକ ସଂଘ ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।



୩ ଦଫା ଦାବିରେ ଓଡ଼ିଶା ୧୦୪ ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରା।


ଭୁବନେଶ୍ୱର ଗଣ୍ଡମୁଣ୍ଡାଠାରେ ନବନିର୍ମିତ ତାଳଗୁଡ଼ ଭବନକୁ ଗୁରୁବାର ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।